ବୁଧବାର
୬ ଡିସେମ୍ବର ୨୦୧୭

ପ୍ରମେୟ
THE PRAMEYA

# ଆନ୍ତର୍ଜାତିକ ସ୍ୱେଚ୍ଛାସେବୀ ଦିବସ ପାଳନ

ଧର୍ମଶାଳା,୫।୧୨(ଆପ୍ର): ଧର୍ମଶାଳା ବ୍ଲକ୍ ଜାରକା ପ୍ରାୟାଗ କଲ୍ୟାଣ ପଣ୍ଡପ ପରିସରରେ ଆଜି ଆନ୍ତର୍ଜାତିକ ସ୍ୱେଚ୍ଛାସେବୀ ଦିବସ ଓ ଜିଲ୍ଲା ସ୍ୱେଚ୍ଛାସେବୀ ସମ୍ମେଳନ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ପଲ୍ଲିଶ୍ରୀ ଆନୁକୂଲ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ଗାନ୍ଧୀବାଦୀ ମହିଳା ବୈଦେହୀ ପଣ୍ଡା ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉଦ୍‌ଘାଟନ କରିବା ସହିତ ସାମ୍ପ୍ରତିକ ସମାଜରେ ସ୍ୱେଚ୍ଛାସେବୀ ବିନା ଅନେକ ସମସ୍ୟା ଅସମାହିତ ହୋଇପଡିବା ସହ ବହୁ ଲୋକ ନିଜକୁ ଅସହାୟ ମଣିବେ ବୋଲି ମତପ୍ରକାଶ କରିଥିଲେ।

ସାମାଜିକ କର୍ମୀ ସରୋଜ କୁମାର ଦାଶଙ୍କ ସଭାପତିତ୍ୱରେ ଏହି ସମାରୋହରେ ଆବାହକ ପ୍ରଶାନ୍ତ କୁମାର ସାହୁ ସ୍ୱେଚ୍ଛାସେବୀ ଦିବସ ପାଳନର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । ଅକ୍ସଫାମ ଇଣ୍ଡିଆର ଓଡିଶା ମୁଖ୍ୟ ଅକ୍ଷୟ କୁମାର ବିଶ୍ୱାଳ, କାର୍ଯ୍ୟକ୍ରମ ଅଧିକାରୀ ଅନିମେଶ ପ୍ରକାଶ ଓ ନେହେରୁ ଯୁବ କେନ୍ଦ୍ରର ସଂଯୋଜକ ଅଶୋକ ଦାସ ପ୍ରମୁଖ ଯୋଗଦାନ କରି ଜଳବାୟୁ ପରିବର୍ତ୍ତନ, କାର୍ବନମୁକ୍ତ ସମାଜ, ଜରୁରୀ କାଳୀନ ସୂଚନା ଓ ସ୍ୱେଚ୍ଛାସେବୀ ଆନ୍ଦୋଳନର ଆବଶ୍ୟକତା ଉପରେ ନିଜ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ଉଲ୍ଲେଖନୀୟ କାର୍ଯ୍ୟପାଇଁ ଜିଲ୍ଲାର ୪ଜଣ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସ୍ତମ୍ଭକାର ଡ ପୁରୁଷୋତ୍ତମ ବିଶ୍ୱାଳଙ୍କ ସଂଯୋଜନାରେ ବିକ୍ରମାଦିତ୍ୟ ଫାଉଣ୍ଡେସନ ପକ୍ଷରୁ ସମାଜସେବୀ ସୁରେଶ ଚନ୍ଦ୍ର ବିଶ୍ୱାଳ, ସୁଧାଂଶୁ ମୋହନ ଟ୍ରଷ୍ଟ ପକ୍ଷରୁ ସମାଜସେବୀ ପ୍ରଦ୍ୟୁମ୍ନ ପାତ୍ର, ପ୍ରଗତି ତରଫରୁ ସିଂହାପୁର ସରପଞ୍ଚ ଆରତି ପହି ଓ ସମ୍ଭବ ଅନୁଷ୍ଠାନ ପକ୍ଷରୁ ଆଶାକର୍ମୀ ଭାରତୀ ଜେନା ପ୍ରମୁଖଙ୍କୁ ମାନପତ୍ର ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଅଧ୍ୟାପକ ଦିଲ୍ଲୀପ ନାୟକ ଓ ସଂଗ୍ରାମ କେଶରୀ ଜେନା ମାନପତ୍ର ପଠନ କରିଥିଲେ। ଶେଷରେ ଦେବବ୍ରତ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ। ଦ୍ୱିତୀୟ ଅଧିବେଶନରେ 'ଯାଜପୁର ଜିଲ୍ଲାର ମୌଳିକ ସମସ୍ୟା ଓ ସ୍ୱେଚ୍ଛାସେବୀ ସଂଗଠନ' ବିଷୟ ଭିତ୍ତିକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଭାରତ ଜ୍ଞାନ ବିଜ୍ଞାନ ସମିତି ଓଡିଶା ଶାଖାର ସାଧାରଣ ସମ୍ପାଦକ ବ୍ଲୋରିନ ମହାନ୍ତି ଯୋଗଦେଇ ଆଗାମୀ ଦଶନ୍ଧି ପାଇଁ ସ୍ୱେଚ୍ଛାସେବୀମାନଙ୍କୁ ମାର୍ଗଦର୍ଶନ ଦେଇଥିଲେ। ଏହି ସମ୍ମେଳନକୁ ରଶ୍ମିରେଖା ପ୍ରଧାନ, ବିଜୟ ଦାସ, ଲକ୍ଷ୍ମୀଧର ସାହୁ, ଅନନ୍ତ ଚରଣ ସ୍ୱାଇଁ, ସୁଧାଂଶୁ ଶେଖର ପାଢୀ, ଅଭିଷେକ ପଣ୍ଡା, ଶତ୍ରୁଘନ ସାହୁ, ସୁନାକର ସାହୁ, ସୁବ୍ରତ ପଢିହାରୀ, ନିରଞ୍ଜନ ମଲିକ, ସସ୍ମିତା ବେହେରା ପ୍ରମୁଖ ପରିଚାଳନା କରିଥିଲେ।

